# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 June - 2024**

**News Editor *: Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ
- ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଆଜି ଦୁଇଦିନିଆ କେନ୍ଦୁଝର ଗସ୍ତ କଲେ ମୋହନ ଚରଣ ମାଝୀ

— ଘଟଗାଁ ତାରିଣୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଆଉ ୫୦ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ମହାନ୍ ରାଷ୍ଟ୍ରନାୟକ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳିତ
- ରାଜ୍ୟରେ ସ୍କୁଲଗୁଡ଼ିକ ଆସନ୍ତାକାଲିଠାରୁ ସ୍ୱାଭାବିକ ଭାବେ ଚାଲିବ ବୋଲି କହିଲେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିର ଅନବସର ସେବା ଆଜିଠାରୁ ଆରମ୍ଭ

# ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ ।  ଅସ୍ଥାୟୀ ବାଚସ୍ପତି ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ । ଆସନ୍ତା ୨୬ ତାରିଖରେ ଲୋକସଭାର ବାଚସ୍ପତି ନିର୍ବାଚନ ହେବ । ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ରାଜ୍ୟସଭାର ଅଧିବେଶନ ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହେବ । ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ ।

## ମୁଖ୍ୟମନ୍ତ୍ରୀ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଆଜି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘଟଗାଁ ତାରିଣୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଆଉ ୫୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଘଟଗାଁ ତାରିଣୀ ପୀଠକୁ ଏକ ପର୍ଯ୍ୟଟନସ୍ଥଳୀ ରୂପେ କିପରି ମାନ୍ୟତା ମିଳିବ ଏ ନେଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରିଣୀଙ୍କୁ ଦର୍ଶନ କରିଛନ୍ତି। ଘଟଗାଁ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ଶ୍ରୀ ମାଝୀ ଏକ ରୋଡ୍ ସୋ’ରେ ସାମିଲ ହୋଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ବଳଦେବ ଜୀଉଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ

ରହିଛି । ପରେ ଏକ ରୋଡ୍ ସୋ'ରେ କେନ୍ଦୁଝର ସହର ପରିକ୍ରମା କରିବେ । ଏହା ସହ ଷ୍ଟାଡିୟମ୍‌ଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ ମଧ୍ୟ ଯୋଗଦେବେ । ଆସନ୍ତାକାଲି ନିଜ ଗାଁ ରାଇକଳକୁ ଗସ୍ତ କରିବେ । ଗାଁ ନିକଟରେ ଥିବା ଝୁମ୍ପୁରାରେ ଏକ ରୋଡ୍ ସୋ'ରେ ଯୋଗଦେବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ଶ୍ୟାମାପ୍ରସାଦ ମୁଖାର୍ଜୀ–ଶ୍ରଦ୍ଧାଞ୍ଜଳି

ମହାନ୍ ରାଷ୍ଟ୍ର ନାୟକ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ଆଜି ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ସତ୍‌ସଙ୍ଗବିହାର ନିକଟସ୍ଥ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତ ଇତିହାସରେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବେ ଆଦୃତ ହେଉଥିବେ ବୋଲି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମତ ବ୍ୟକ୍ତ କରିଛନ୍ତି । ସେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଭାରତବର୍ଷର ଦଶା ଓ ଦିଶା ପରିବର୍ତ୍ତନର ମହାନ ନାୟକ ଭାବରେ ଅଭିହିତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ ।

**ନବରଙ୍ଗପୁର** ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ବଳିଦାନ ଦିବସ ପାଳିତ ହୋଇଛି ।

ଡକ୍ଟର ମୁଖାର୍ଜୀଙ୍କ ତ୍ୟାଗପୂତ ଜୀବନ ଆଦର୍ଶର ଆଜି ବି ପ୍ରାସଙ୍ଗିକତା ରହିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀଶଙ୍କର ମାଝୀ ଓ ବିଜେପିର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

## ନୀଟ୍-ୟୁଜି ପରୀକ୍ଷା-ଗ୍ରେସ୍ ମାର୍କ

ଆଜି ଅନୁଷ୍ଠିତ ହେବାକୁ ଥିବା ନୀଟ୍ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଖୁବ୍ ଶୀଘ୍ର ଏହି ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଛି । ପରୀକ୍ଷା ପ୍ରକ୍ରିୟାରେ ସୁଧାର ଆଣିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଏବଂ ଉଜ୍ଜ୍ୱଳ ଭବିଷ୍ୟତକୁ ପ୍ରାଥମିକତା ଦିଆଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛନ୍ତି । ନୀଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ଅଭିଯୋଗ ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଛି । ତେବେ ନୀଟ୍-ୟୁଜି-୨୦୨୪ରେ ଗ୍ରେସ୍ ମାର୍କ ପାଇଥିବା ୧ ହଜାର ୫୬୩ ଜଣ ଛାତ୍ରଛାତ୍ରୀଙ୍କ ପୁନଃ ପରୀକ୍ଷା ଆଜି ଅନୁଷ୍ଠିତ ହେଉଛି । ପରୀକ୍ଷା ଆଜି ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫.୨୦ ମଧ୍ୟରେ ହେବ । ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଗ୍ରେସ ମାର୍କ ପ୍ରତ୍ୟାହୃତ କରିବା ସହ ଏହି ପରୀକ୍ଷାର୍ଥୀଙ୍କର ପୁଣି ଥରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ ।

## ପ୍ରଶିକ୍ଷଣ

ଗଣିତ ଶିକ୍ଷାକୁ ନେଇ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଦିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ ରହିଛି। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଗଣିତରେ ଭଲ ଜ୍ଞାନ ଆସିବ । ସମୟ ସମୟରେ ଏଭଳି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ପିଲାଙ୍କ ଗଣିତ ଶିକ୍ଷା ବୃଦ୍ଧି ହେବ।

# ଜିଏସ୍‌ଟି ପରିଷଦ ବୈଠକ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ୫୩ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଇସ୍ପାତ, ଲୁହା, ଆଲୁମିନିୟମ, କାଗଜବୋଟ୍, ସୌରକୁକର ଓ ସିଞ୍ଚନ ଯନ୍ତ୍ର ଆଦି ସାମଗ୍ରୀ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସୁପାରିଶ କରାଯାଇଛି । ୨୦୧୭ ଜୁଲାଇ ପହିଲାରୁ ଆମଦାନୀ ଉପରେ ଆଦାୟ କରାଯାଉଥିବା କ୍ଷତିପୂରଣ ସେସକୁ ଛାଡ କରିବା ପାଇଁ ମଧ୍ୟ ସୁପାରିଶ କରାଯାଇଛି । ଟିକସଦାତାଙ୍କ ସୁଧ ବୋଝକୁ କମ୍ କରିବା ପାଇଁ ରିଟର୍ଣ୍ଣ ଫାଇଲ କରିବାର ନିର୍ଦ୍ଧାରିତ ତାରିଖରେ ବିଳମ୍ୱ ହେଲେ ସିଜିଏସ୍‌ଟି ଧାରା ୫୦ ଅନୁଯାୟୀ ସୁଧ ଆଦାୟ ନକରିବାକୁ ପରିଷଦ ବୈଠକରେ ନିଷ୍ପତ୍ତି କରାଯାଇଛି ।

## ସ୍କୁଲ ସ୍ୱାଭାବିକ

ରାଜ୍ୟରେ ପାଣିପାଗରେ ପରିବର୍ତ୍ତନ ଦେଖାଦେବା ପରେ ଆସନ୍ତାକାଲିଠାରୁ ସ୍କୁଲ ସ୍ୱାଭବିକ ଭାବେ ଚାଲିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।  ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି ବୋଲି  ଗଣଶିକ୍ଷାମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଗତ ୨୧ ତାରିଖରେ ସକାଳୁଆ କରିବାର ନିଷ୍ପତ୍ତି ନେଇଥିଲେ। କେତେକ ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ବିଦ୍ୟାଳୟ ସମୟରେ ପରିବର୍ତ୍ତନ କରିଥିଲେ।

## ବାରିପଦା ବସ୍ ଚଳାଚଳ

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବସ୍ ସେବା ଆଜିଠାରୁ ଆରମ୍ଭ ହୋଇଛି। ଆଜି ସକାଳୁ ଓଏସ୍ଆର୍ଟିସି ପକ୍ଷରୁ ୧୪ଟି ବସ୍ ବିଭିନ୍ନ ରୁଟ୍‌ରେ ଚଳାଚଳ କରିଛି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରୁ ବସ୍ ମାଲିକ ସଂଘର ଧର୍ମଘଟ ଯୋଗୁଁ ବସ୍ ଚଳାଚଳ ବନ୍ଦ ରହିଥିଲା।

## ସମୀକ୍ଷା

ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଜିଲ୍ଲାରେ ଚୋରି ହେଉଥିବା ଖଣିଜ ସମ୍ପଦକୁ ରୋକିବା, ପାଣି ପ୍ରକଳ୍ପଗୁଡ଼ିକୁ ଖୁବ୍‌ଶୀଘ୍ର ଶେଷ କରିବା, ଡାକ୍ତରଖାନା ରାସ୍ତା ପ୍ରସାରଣ କରାଯିବା ପାଇଁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ ।

## କର୍ମଶାଳା

**ନୂଆପଡା** ଜିଲ୍ଲା ପୁଲିସ୍ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ  ନୂତନ ଅପରାଧ ଆଇନ୍ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜୁଲାଇ ୧ ତାରିଖରେ ନୂତନ ଅପରାଧ ଆଇନ୍ କାର୍ଯ୍ୟକାରୀ ହେବ। ଏ ନେଇ ଅବଗତ କରାଇବା ପାଇଁ ବିଭିନ୍ନ ସଭା ସମିତି, କର୍ମଶାଳାର ଆୟୋଜନ କରାଯାଇଛି ।

# ଅଲାରନାଥ ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନବସର ସେବା ଆଜିଠାରୁ ଆରମ୍ଭ ହେଉଛି। ଏହି ଅବସରରେ ଶ୍ରଦ୍ଧାଳୁ  ବ୍ରହ୍ମଗିରିଠାରେ ପ୍ରଭୁ ଅଲାରନାଥ ଦେବଙ୍କୁ ଦର୍ଶନ କରୁଛନ୍ତି। ଚଳିତବର୍ଷ ୧୩ ଦିନ ଧରି ଶ୍ରୀଜଗନ୍ନାଥଙ୍କ ଅଣସର ବିଧି ରହିଥିବା ଯୋଗୁଁ ଆଜିଠାରୁ ଆସନ୍ତାମାସ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଭକ୍ତମାନେ ଅଲାରନାଥ ପୀଠରେ ଦର୍ଶନ କରିପାରିବେ। ମନ୍ଦିର ଖୋଲାଯିବା ପରେ ଆଜି ଭୋର ୪ଟାରେ ମଙ୍ଗଳଆଳତି, ତଡପଲାଗି, ଅବକାଶ, ବେଶ ଏବଂ ଗୋପାଳବଲ୍ଲଭ ପରେ ସର୍ବସାଧାରଣ ଦର୍ଶନ ଚାଲୁ ରହିଛି। ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଅଲାରନାଥଙ୍କ

ପୀଠରେ ବହୁସଂଖ୍ୟାରେ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସ୍ନାନମଣ୍ଡପରେ ଗତକାଲି ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ ।

## ପାଣିପାଗ

ରାଜ୍ୟରେ ସ୍ୱାଭାବିକଠାରୁ ୩୯ ପ୍ରତିଶତ କର୍ମ ବର୍ଷା ହୋଇଛି । ଜୁନ ପହିଲାରୁ ଆଜି ପର୍ଯ୍ୟନ୍ତ ସାରା ରାଜ୍ୟରେ ୮୮ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ତୁଳନାରେ ୩୯ ପ୍ରତିଶତ କମ ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ୪ଟି ଜିଲ୍ଲାରେ ନିଅଣ୍ଟିଆ ସ୍ଥିତି ଅତି ଉତ୍କଟ ରହିଥିବାବେଳେ ୨୧ ଜିଲ୍ଲାରେ ୨୦ ରୁ ୫୯ ପ୍ରତିଶତ ନିଅଂଟିଆ ବର୍ଷା ରହିଛି।

ତେବେ ୫ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ରେକର୍ଡ ହୋଇଛି। ପୁରୀରେ ସର୍ବାଧିକ ସ୍ୱାଭାବିକଠାରୁ ୭୦ ପ୍ରତିଶତ କମ ବର୍ଷା ହୋଇଥିବାବେଳେ, ମୟୂରଭଞ୍ଜରେ ୬୯ ପ୍ରତିଶତ କମ, ବାଲେଶ୍ୱରରେ ୬୫ ପ୍ରତିଶତ ଏବଂ ବଲାଙ୍ଗିରରେ ୬୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି।

*********************************